# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**26 October – 2024**

# ବାତ୍ୟା 'ଦାନା'

ବାତ୍ୟା ଦାନା ଉତ୍ତର ଉପକୂଳ ଓଡ଼ିଶା ଉପରେ ଅବପାତ ଅବସ୍ଥାରେ ରହିଛି । ଏହାର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ଜାରି ରହିଛି । ବାତ୍ୟା ଆହୁରି ଦୁର୍ବଳ ହୋଇ ଅବପାତ ଏବଂ ପରେ ଲଘୁଚାପରେ ପରିଣତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ଗତ ୨୪ଘଣ୍ଟା ମଧ୍ୟରେ ଯାଜପୁରରେ ସର୍ବାଧିକ ୧୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

# ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶମାର୍ଗରୁ ବାତ୍ୟା ପ୍ରଭାବିତ ଅଞ୍ଚଳ ଅନୁଧ୍ୟାନ କରିବେ । ମୁଖ୍ୟମନ୍ତ୍ରୀ ଗତକାଲି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ବାତ୍ୟା ପରିସ୍ଥିତି ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ସେ କହିଛନ୍ତି ବାତ୍ୟା ସମୟରେ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟ ହାସଲ ହୋଇଛି । ଗତକାଲି ସଂଧ୍ୟା ସୁଦ୍ଧା ଆଶ୍ରୟସ୍ଥଳ ଗୁଡ଼ିକରେ ୮ଲକ୍ଷ

ଲୋକଙ୍କୁ ସୁରକ୍ଷିତ ଭାବେ ରଖାଯାଇଛି । ସବୁ ପ୍ରମୁଖ ରାସ୍ତାଗୁଡ଼ିକରେ ଅବରୋଧ ହଟାଯାଇ ଗମନାଗମନ ଉପଯୋଗୀ କରାଯାଇଛି । ସେହିଭଳି ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପ୍ରାରମ୍ଭିକ ଆକଳନ ଅନୁସାରେ ମୋଟ ୧ଲକ୍ଷ ୭୫ହଜାର ଏକର ଚାଷଜମିରେ ଫସଲ କ୍ଷୟକ୍ଷତି ହୋଇଛି । ଫସଲ କ୍ଷତି ଓ ଭଙ୍ଗା ଘର ପାଇଁ ଶୀଘ୍ର ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ବାତ୍ୟା ସମୀକ୍ଷା

ସାମୁଦ୍ରିକ ଝଡ଼ ଦାନାରେ ଅଧିକ ପ୍ରଭାବିତ ହୋଇଥିବା କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଏବଂ ରାଜକନିକା ବ୍ଲକର କେତେକ ସ୍ଥାନରେ ଅଧିକ ଦିନ ରିଲିଫ ପ୍ରଦାନ କରାଯିବ । ଗତକାଲି ଜିଲ୍ଲା ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସ୍ଥିତି ସମୀକ୍ଷା ପରେ ଏହା କହିଛନ୍ତି । ପ୍ରଶାସନ ପକ୍ଷରୁ ରାସ୍ତାଘାଟ ଅବରୋଧ ମୁକ୍ତ କରିବା ଏବଂ ବିଦ୍ୟୁତ୍ ସେବା ପୁନରୁଦ୍ଧାର ନିମନ୍ତେ ପ୍ରାଥମିକତା ଦିଆଯାଉଥିବା ସେ କହିଛନ୍ତି । ବାତ୍ୟା ପରିସ୍ଥିତି ନିୟନ୍ତ୍ରିତ ହେବା ପରେ ଚାଷ କ୍ଷୟକ୍ଷତି କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।

# ବାତ୍ୟା-ଦରଦାମ ବୃଦ୍ଧି

ବାତ୍ୟା ସମୟରେ ଅତି ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି କରିଥିବା ବେପାରୀଙ୍କ ବିରୁଦ୍ଧରେ ଯୋଗାଣ ବିଭାଗ ନୋଟିସ୍ ଜାରି କରିଥିବା ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଗତକାଲି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ଲୋକମାନଙ୍କୁ ରନ୍ଧାଖାଦ୍ୟ ସହିତ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି ।

# ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ବାତ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଆଜି ଓ ଆସନ୍ତାକାଲି ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ ସମସ୍ତ ବିଭାଗକୁ ଏ ବିଷୟରେ ଅବଗତ କରାଇଛନ୍ତି । ବାତ୍ୟା ପରବର୍ତ୍ତୀ ରିଲିଫ ପ୍ରଦାନ ସହିତ ପ୍ରାଥମିକତା ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି । ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ବିଭାଗୀୟ କର୍ମଚାରୀ ଓ ଅଧିକାରୀମାନଙ୍କୁ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ କୁହାଯାଇଛି ।

# ବିଦ୍ୟାଳୟ ଛୁଟି

ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୫ଟି ଜିଲ୍ଲାରେ ଆଜି ପାଇଁ ସ୍କୁଲ ଛୁଟି ଘୋଷଣା କରାଯାଇଛି । ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବା ନେଇ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଜାରି କରାଯାଇଛି ।

# ସ୍ୱତନ୍ତ୍ର ଟ୍ରେନ୍

ସାମୁଦ୍ରିକ ଝଡ଼ ଦାନା ଯୋଗୁଁ ପୁରୀରେ ଅଟକି ରହିଥିବା ଯାତ୍ରୀମାନଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ଲାଗି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ପୂର୍ବତଟ ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଜି ରାତି ୧୧ଟା ୨୦ରେ ପୁରୀ-ସାଲିମାର ସ୍ୱତନ୍ତ୍ର ଟ୍ରେନ୍ ପୁରୀରୁ ବାହାରିବାକୁ ଥିବାବେଳେ ସାଲିମାରରୁ ଆସନ୍ତାକାଲି ସକାଳ ୧୦ଟା ୫୦ ମିନିଟ୍‌ରେ ସେହି ଟ୍ରେନ୍ ସେଠାରେ ଅଟକିଥିବା ଯାତ୍ରୀମାନଙ୍କୁ ନେଇ ପୁରୀ ଆସିବ । ବାତ୍ୟା ଦାନା ଯୋଗୁଁ ୨୦୦ରୁ ଅଧିକ ସଂଖ୍ୟକ ଟ୍ରେନ୍ ବାତିଲ କରାଯାଇଥିଲା ।

## ଆଦର୍ଶ ବିଦ୍ୟାଳୟ-ପଞ୍ଜିକରଣ

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠରୁ ନବମ ଶ୍ରେଣୀ ଏବଂ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ନିମନ୍ତେ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପ୍ରବେଶିକା ପରୀକ୍ଷା ଲାଗି ଆସନ୍ତା ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍‌ରେ ପଞ୍ଜିକରଣ କରିପାରିବେ ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ଅନ୍ତର୍ଗତ ଛାତ୍ର ନେତୃତ୍ୱ ପୁରସ୍କାର ପାଇଁ ଆସନ୍ତା ସୋମବାରଠାରୁ ପ୍ରକ୍ରିୟା ଆରମ୍ଭ ହେବ । ଓସେପା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । କମିଟିରେ ପ୍ରଧାନଶିକ୍ଷକଙ୍କ ବ୍ୟତୀତ ଜଣେ ବରିଷ୍ଠ ଶିକ୍ଷକ ଓ ଛାତ୍ରଛାତ୍ରୀ ସଦସ୍ୟ ରହିବେ । ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ନିୟମିତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ନେତୃତ୍ୱ ପୁରସ୍କାର ପାଇଁ ଚୟନ କରାଯିବ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମନ୍ କୀ ବାତ୍‌ର ୧୧୫ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ ।

## ବାଲିଯାତ୍ରା-ପଞ୍ଜିକରଣ

କଟକ ଐତିହାସିକ ବାଲିଯାତ୍ରାରେ ଷ୍ଟଲ ଖୋଲିବା ପାଇଁ ଆଜି ଓ ଆସନ୍ତା କାଲି ଦୁଇଦିନ ପାଇଁ ଅଫ୍‌ଲାଇନ୍‌ରେ ପଞ୍ଜିକରଣ ହେବ । ବାରବାଟୀ ପ୍ୟାଲେସ୍‌ଠାରେ ଅଫ୍‌ଲାଇନ୍ ମାଧ୍ୟମରେ ପଞ୍ଜିକରଣ କରାଯାଇପାରିବ । ବାଲିଯାତ୍ରାରେ ମୋଟ୍ ୧ହଜାର ୧୮୦ ପ୍ଲଟ ମଧ୍ୟରୁ ଗତକାଲି ସୁଦ୍ଧା ଅନ୍‌ଲାଇନ୍‌ରେ ୯୦୮ଟି ପ୍ଲଟ ପାଇଁ ପଞ୍ଜିକରଣ ହୋଇଛି ।